# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-


ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXIV | FEBRUARY 2023 | No.12

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ହିତୋପଦେଶ ୩:୨୬–୩୫)

୨୬ ଯେହେତୁ ସଦାପ୍ରଭୁ ତୁମ୍ଭର ବିଶ୍ୱାସଭୂମି ହେବେ, ସେ ତୁମ୍ଭର ପାଦ ଫାନ୍ଦରୁ ରକ୍ଷା କରିବେ ।

୨୭ ଉପକାର କରିବାର ସାମର୍ଥ୍ୟ ତୁମ୍ଭ ହସ୍ତରେ ଥିଲେ, ଉଚିତ ଦାନପାତ୍ରମାନଙ୍କୁ ନାସ୍ତି କର ନାହିଁ ।

୨୮ ଆପଣା ନିକଟରେ ଦ୍ରବ୍ୟ ଥିଲେ, 'ଯାଅ, ପୁନର୍ବାର ଆସ, ଆମ୍ଭେ କାଲି ଦେବା' ଏହା ତୁମ୍ଭ ପ୍ରତିବାସୀକି କୁହ ନାହିଁ ।

୨୯ ତୁମ୍ଭ ପ୍ରତିବାସୀ ତୁମ୍ଭ ନିକଟରେ ନିର୍ଭୟରେ ବାସ କରିବାରୁ ତାହାର ବିରୁଦ୍ଧରେ ଅନିଷ୍ଟ ଚିନ୍ତା କର ନାହିଁ ।

୩୦ ମନୁଷ୍ୟ ତୁମ୍ଭର କ୍ଷତି ନ କଲେ, ଅକାରଣରେ ତାହା ସହିତ ବିରୋଧ କର ନାହିଁ ।

୩୧ ଉପଦ୍ରବୀ ପ୍ରତି ଈର୍ଷା କର ନାହିଁ, ପୁଣି ତାହାର କୌଣସି ପଥ ମନୋନୀତ କର ନାହିଁ ।

୩୨ କାରଣ ଖଳ ଲୋକ ସଦାପ୍ରଭୁଙ୍କର ଘୃଣାପାତ୍ର‌ନ୍ତ ମାତ୍ର ସରଳାଚାରୀମାନଙ୍କ ସଙ୍ଗେ ତାହାଙ୍କର ମିତ୍ରାଳାପ ଥାଏ ।

୩୩ ପାପୀମାନଙ୍କ ଗୃହରେ ସଦାପ୍ରଭୁଙ୍କର ଅଭିଶାପ ଥାଏ, ମାତ୍ର ସେ ଧାର୍ମିକମାନଙ୍କ ନିବାସକୁ ଆଶୀର୍ବାଦ କରନ୍ତି ।

୩୪ ଯଦ୍ୟପି ସେ ନିନ୍ଦକମାନଙ୍କୁ ନିନ୍ଦା କରନ୍ତି, ତଥାପି ସେ ନମ୍ର ଲୋକମାନଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି ।

୩୫ ଜ୍ଞାନବାନ ଲୋକେ ସମ୍ମାନର ଅଧିକାରୀ ହେବେ, ମାତ୍ର ଲଜ୍ଜା ଅଜ୍ଞାନମାନଙ୍କ ଉନ୍ନତି ହେବ ।

# ଅତି ନିଗୂଢ଼ ତତ୍ତ୍ୱ — THE GREAT MYSTERY

*(ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା)*

**''ଏହା ଗୋଟିଏ ଅତି ନିଗୂଢ଼ତତ୍ତ୍ୱ, କିନ୍ତୁ ମୁଁ ଖ୍ରୀଷ୍ଟ ଓ ମଣ୍ଡଳୀ ସମ୍ବନ୍ଧରେ ଏହା କହୁଅଛି'' (ଏଫିସୀୟ ୫:୩୨) ।**

ଈଶ୍ୱରଙ୍କ ମଣ୍ଡଳୀ ପୃଥିବୀ ଉପରେ ସ୍ୱର୍ଗର କ୍ଷମତା ପ୍ରୟୋଗ କରିବାର ଆଧାର ଅଟେ । ମଣ୍ଡଳୀ ସାଧୁମାନଙ୍କର ସହଭାଗିତା ଅଟେ । ପ୍ରେରିତ ପୁସ୍ତକର ପ୍ରଥମ ଦଶଟି ଅଧ୍ୟାୟ ଅନୁସାରେ, ଯେଉଁ ଲୋକମାନେ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଥିଲେ, ତାଙ୍କ ସହିତ ବାସ କରିଥିଲେ ଓ ତାଙ୍କ ପ୍ରେମର ସ୍ୱାଦ ଚାଖିଥିଲେ, ସେମାନଙ୍କୁ ''ଶିଷ୍ୟ'' ନାମ ଦିଆଯାଇଥିଲା । ଆଦ୍ୟ ଶିଷ୍ୟମାନଙ୍କୁ ''ଖ୍ରୀଷ୍ଟିଆନ'' ବୋଲି କୁହା ଯାଉଥିଲା (ପ୍ରେରିତ ୧୧:୨୬) । ଅବଶିଷ୍ଟ ଲୋକମାନେ ସେମାନଙ୍କ ସହିତ ଯୋଗ ଦେବା ପାଇଁ ସାହସ କରୁ ନ ଥିଲେ (ପ୍ରେରିତ ୫:୧୩) ।

ବିଶ୍ୱସ୍ତ ଖ୍ରୀଷ୍ଟିଆନମାନେ ମିଥ୍ୟା କହନ୍ତି ନାହିଁ, ଅନ୍ୟମାନଙ୍କୁ ଠକନ୍ତି ନାହିଁ ଓ ବିଶ୍ୱାସ ଘାତକତା କରନ୍ତି ନାହିଁ । ସେମାନେ ସଦାପ୍ରଭୁଙ୍କ ଭୟରେ ଗମନାଗମନ କରନ୍ତି । ଯଦି କେତେକ ଲୋକ ଆପଣଙ୍କ ପ୍ରତି ବିଶ୍ୱାସଘାତକତା କରନ୍ତି, ତେବେ ଏହାର ଅର୍ଥ ହେଉଛି, ସେମାନେ ଈଶ୍ୱରଙ୍କ ସନ୍ତାନ ହୋଇ ନ ଥିବେ । ଆପଣ ଈଶ୍ୱରଙ୍କ ସନ୍ତାନମାନଙ୍କ ସହିତ ଏକ ଖୋଲାମନରେ କଥାବାର୍ତ୍ତା କରିପାରିବେ । ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କ ଆଦର୍ଶ ଅନୁସରଣ କରନ୍ତି ଓ ଯେଉଁମାନେ ତାଙ୍କ ପଦଚିହ୍ନର ଅନୁଗାମୀ ହୁଅନ୍ତି, ସେମାନେ




**Echo of His Call**

***Christian YouTube Channel!***

**An opportunity to pray with Pr. S. Sam Selva Raj!**

Message, prayer in 5 minutes!!

**English, Hindi, Tamil & Telugu**

Every day – 5.00 A.M.

**Tamil Sunday Service – 8.30 A.M.**

# ECHO OF HIS CALL - (1969-2019 GOLDEN JUBILEE YEAR)

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



REACHING NATIONS



"... ଦେଖ, ଆମ୍ଭେ ତୁମ୍ଭ ସମ୍ମୁଖରେ ଗୋଟିଏ ଦ୍ୱାର ଫିଟାଇଅଛୁ, କେହି ତାହା ବନ୍ଦ କରିପାରେ ନାହିଁ..." (ପ୍ରକାଶିତ ୩:୮) ।

**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

### ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ଆମର "ଆହ୍ୱାନର ପ୍ରତିଧ୍ୱନି ପତ୍ରିକା" ଓ ଆମର ୟୁ-ଟ୍ୟୁବ ଚ୍ୟାନେଲ ମାଧ୍ୟମରେ ପ୍ରଚାରିତ ବାର୍ତ୍ତା ଦ୍ୱାରା ସୁସମାଚାର ପ୍ରଚାର କରିବାର ଉଦ୍ୟମ ଯୋଗୁ ଆମେ ଯେଉଁ ଆଶୀର୍ବାଦ ପାଇଅଛୁ, ସେଥିନିମନ୍ତେ ଆମେ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଅଛୁ । ମୁଁ ଈଶ୍ୱରଙ୍କର ପ୍ରିୟ ସନ୍ତାନଗଣ, ଯଥା - ପାଳକ ଆଲେକ୍ସ ସାମସନ୍ ସାମ୍, ପାଳକ ଚିନ୍ନାୟା, ଭାଇ ଧନମ୍ ଚିନ୍ନାୟା, ଭଉଣୀ ମେରୀ ମଗ୍‌ଦଲିନୀ, ଏନ୍.ପ୍ରକାଶମ୍, ଖ୍ରୀଷ୍ଟିନା ଜାବା କୁମାରୀ ଚିନ୍ନାୟା, ବି.ଶରନ୍, ପାଳକ ବିଦ୍ୟାଧର, ଅବ୍ରହାମ, ଶାଲୋମୀ ଅବ୍ରହାମ୍, ଗୀତା ଗୁରୁସ୍ୱାମୀ, ଢ଼େଜୀ ରାନୀ, ଶଲୋମନ ରବର୍ଟ, ଯୋଶୁଆ ରବର୍ଟ, ଏଡ଼ମଣ୍ଡ ଥୋମାସ୍‌ଙ୍କ ନିମନ୍ତେ ଈଶ୍ୱରଙ୍କର ପ୍ରଶଂସା କରୁଅଛି । ସେମାନେ ସମସ୍ତେ ୟୁ-ଟ୍ୟୁବ ଚ୍ୟାନେଲ୍ ସେବାକାର୍ଯ୍ୟରେ ମୋ' ସହିତ ମିଶି କାର୍ଯ୍ୟ କରୁଛନ୍ତି ।

ଆମେ ଅନ୍ତତଃ, କିଛି ଲୋକଙ୍କୁ ପାପର ଭୟଙ୍କର ପ୍ରକୃତିରୁ ଓ ଅଭିଶାପର କବଳରୁ ଉଦ୍ଧାର କରିବାକୁ ଚେଷ୍ଟା କରୁଅଛୁ । ଆମେ ଆପଣଙ୍କର ପ୍ରାର୍ଥନା ସହାୟତା ଅତ୍ୟଧିକ ଆବଶ୍ୟକ କରୁଅଛୁ । ସେବାକାର୍ଯ୍ୟର ପଥ ଅତି କଷ୍ଟକର ଅଟେ । ଶୟତାନକୁ ପ୍ରତିରୋଧ କରିବା ପାଇଁ ଆମର ଯେଉଁ ସାମର୍ଥ୍ୟ ଅଛି, ତାକୁ ପ୍ରତିହତ କରିବା ନିମନ୍ତେ ସେ ଆମ ବିରୁଦ୍ଧରେ ପ୍ରବଳ ଚେଷ୍ଟା କରୁଅଛି । କେବଳ ଆମର ପ୍ରଭୁ ହିଁ ଆମକୁ ଆଚ୍ଛାଦିତ କରି ସୁରକ୍ଷା ଦେଉଛନ୍ତି ।

ଆମେ ମଧ୍ୟ ଆପଣମାନଙ୍କର କଷ୍ଟ ଓ ସମସ୍ୟାଗୁଡ଼ିକୁ ବୁଝୁ ଓ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ।

ଯଦି ଈଶ୍ୱର ଇଚ୍ଛା କରନ୍ତି, ତେବେ ଆମ ନିହିମିୟା ବାଇବଲ କଲେଜର "ଉପାଧି ପ୍ରଦାନ ଉତ୍ସବ" ୨୦୨୩ ଜୁନ ମାସରେ ଅନୁଷ୍ଠିତ ହେବ । ଆମେ ଏପରି ଛାତ୍ରମାନଙ୍କୁ ଆବଶ୍ୟକ କରୁ, ଯେଉଁମାନଙ୍କୁ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଈଶ୍ୱରଙ୍କ ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନ କରାଯାଇଛି । ଦୟାକରି ଏଥିପାଇଁ ପ୍ରାର୍ଥନା କରନ୍ତୁ । ଦୟା କରି ଏହିପରି ଛାତ୍ରମାନଙ୍କୁ ଆମ ସହିତ ପରିଚିତ କରାନ୍ତୁ । ଭୌତିକ ଲାଭର କୌଣସି ମନୋଭାବ ନ ରଖି, ଆମେ ସୁସମାଚାର ପ୍ରସାର ପାଇଁ କଠିନ ପରିଶ୍ରମ କରୁଅଛୁ । ଦୟାକରି ଆମର ତାଲିମ ଓ ହିନ୍ଦୀ ବାଇବଲ କଲେଜ ଓ ଆମର ସମସ୍ତ ବହୁମୁଖୀ ସେବାକାର୍ଯ୍ୟ ପାଇଁ ଏକ ବୋଝର ସହିତ ପ୍ରାର୍ଥନା କରନ୍ତୁ ।

ଆମେ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ । ଈଶ୍ୱରଙ୍କ ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ । ଆମେନ୍ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858, E.mail : samselvaraj333@gmail.com

ଈଶ୍ୱରଙ୍କ ସନ୍ତାନଗଣ ଅଟନ୍ତି । ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗମନ କରନ୍ତି, ସେମାନେ ସମସ୍ତ ପରିବେଶ ଅଧୀନରେ ତାଙ୍କୁ ପ୍ରତିଫଳିତ କରନ୍ତି, ସେମାନେ ପରିବେଶ ଦ୍ୱାରା ଆକ୍ରାନ୍ତ ହେବା ସମୟରେ ଯୀଶୁ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବେ ନାହିଁ କିମ୍ବା ସେମାନଙ୍କ ନିଜସ୍ୱ ଲାଭ ପାଇଁ ଈଶ୍ୱରଙ୍କ ସେବାକାର୍ଯ୍ୟର ଅପବ୍ୟବହାର କରିବେ ନାହିଁ ।

ଏହି ଜଗତରେ ଗୋଟିଏ ଅତି ବଡ଼ ରହସ୍ୟ ହେଉଛି, ଈଶ୍ୱରଙ୍କ ମଣ୍ଡଳୀ ମଧ୍ୟରେ ସଂପର୍କ, ଅର୍ଥାତ୍ ଈଶ୍ୱରଙ୍କ ସନ୍ତାନ ଓ ଈଶ୍ୱରଙ୍କ ମଧ୍ୟରେ ସହଭାଗିତା । ପ୍ରଭୁ ଯୀଶୁ ଖ୍ରୀଷ୍ଟ ମଣ୍ଡଳୀ ମାଧ୍ୟମରେ ତାଙ୍କ ବିଶ୍ୱାସୀମାନଙ୍କ ପ୍ରତି ସ୍ୱର୍ଗରୁ ଏହି ସେବାକାର୍ଯ୍ୟ ପ୍ରଦାନ କରିଛନ୍ତି । ଯେଉଁମାନେ ଈଶ୍ୱରଙ୍କଠାରୁ ଜାତ, ସେମାନେ ଈଶ୍ୱରଙ୍କ ସନ୍ତାନଗଣ ଅଟନ୍ତି । ଲୋକମାନେ ହୁଏତ ଦରିଦ୍ର କିମ୍ବା ଧନୀ ପରିବେଶରୁ ଆସି ଥାଇପାରନ୍ତି, କିମ୍ବା ଅନ୍ଧାର ଉପତ୍ୟକା ମଧ୍ୟ ଦେଇ ଗତି କରିପାରନ୍ତି । କେତେକ ଲୋକ ସେମାନଙ୍କ ଜୀବନରେ ଆଶା ହରାଇଥିବାର, କିମ୍ବା ଅନ୍ୟମାନଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଥିବାର କିମ୍ବା ଆଦୌ ଉପଯୋଗୀ ହୋଇ ନ ଥିବାର ସମ୍ଭାବନା ଅଛି । ମାତ୍ର ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି,

CHIEF EDITOR
Angeline Selvakumari Henry, M.A., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
CORE LEADERS
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

ସେମାନେ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଜାତ ହୋଇଅଛନ୍ତି (ଯୋହନ ୧:୧୩) ।

ଏହି ଜଗତରେ ଏକ ବିଜୟୀ ଜୀବନ କାଟିବା ପାଇଁ ଜଣେ ବ୍ୟକ୍ତି ଆବଶ୍ୟକ କରୁଥିବା ସମସ୍ତ ସତ୍ୟ ମଣ୍ଡଳୀ ଓ ଯୀଶୁ ଖ୍ରୀଷ୍ଟଙ୍କ ମଧ୍ୟରେ ଥିବା ଗୁପ୍ତ ସଂପର୍କରେ ଲୁକ୍‌କାୟିତ ଅଛି । ମାତ୍ର ଲୋକମାନେ ସେମାନଙ୍କ ଜୀବନରେ ଏହାକୁ ଅବଜ୍ଞା କରି ଆନନ୍ଦ, ଶାନ୍ତି ଓ ଉନ୍ନତି ପାଇବାର ଅନ୍ୟମାର୍ଗ ସବୁ ଖୋଜିବାକୁ ଚେଷ୍ଟା କରୁଛନ୍ତି । ଯଦିଓ ବାଇବଲରେ ଅନେକ ନିଗୂଢ଼ତତ୍ତ୍ୱ ମିଳେ, ତଥାପି ଯେତେବେଳେ ଆମେ ଯୀଶୁ ଖ୍ରୀଷ୍ଟ ଓ ମଣ୍ଡଳୀ ମଧ୍ୟରେ ଥିବା ସଂପର୍କ ସମ୍ବନ୍ଧୀୟ ନିଗୂଢ଼ତତ୍ତ୍ୱର ବ୍ୟବହାର କରୁ, ସେତେବେଳେ ଆମ ଜୀବନରେ ପରିବର୍ତ୍ତନ ଘଟେ ଓ ଆମେ ଉନ୍ନିତ ହେଉ ।

ଜଗତ ଓ ମଣ୍ଡଳୀର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସତ୍ୟଗୁଡ଼ିକୁ ସମୟ କିମ୍ବା ସଂସ୍କୃତି କିମ୍ବା ପରିବେଶ କିମ୍ବା ନୂତନ ଯନ୍ତ୍ର ବିଦ୍ୟା ଦ୍ୱାରା ପରିବର୍ତ୍ତନ କରାଯାଇପାରିବ ନାହିଁ । କେତେକ ଲୋକ ଭାବନ୍ତି ଯେ ଖ୍ରୀଷ୍ଟଧର୍ମ ଅନାବଶ୍ୟକ ଅଟେ ଓ ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଭୁଲ୍ ସୂଚନା ଯୋଗୁ କିମ୍ବା ସ୍ୱଚ୍ଛ ଜ୍ଞାନର ଅଭାବ ଯୋଗୁ ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତି ନାହିଁ । ମାତ୍ର ଏହି ମତ ସଂପୂର୍ଣ୍ଣ ଭାବରେ ଭୁଲ୍ ଅଟେ । କେହି କେବେ ବିଶ୍ୱସ୍ତଭାବେ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗାମୀ ହୋଇଥିବାରୁ ପରିତ୍ୟକ୍ତ ହୋଇଥିଲା କି ? କେହି କେବେ ଦରିଦ୍ର ହୋଇଥିଲା କି ? କେହି କେବେ କୌଣସି ପ୍ରକାରେ ଅନ୍ୟମାନଙ୍କୁ କ୍ଳେଶ ଦେଇଥିଲା କି ? କେହି କେବେ ଏହି ପ୍ରଶ୍ନଗୁଡ଼ିକର ''ହଁ'' ଉତ୍ତର ଦେଇପାରିବେ ନାହିଁ । ''ମୁଁ ଯୁବା ଥିଲି, ଏବେ ବୃଦ୍ଧ ହୋଇଅଛି, ତଥାପି ମୁଁ ଧାର୍ମିକକୁ ପରିତ୍ୟକ୍ତ, ଅବା ତାହାର ବଂଶକୁ ଖାଦ୍ୟ ଭିକ୍ଷା କରିବାର ଦେଖି ନାହିଁ'' (ଗୀତସଂହିତା ୩୭:୨୫) । ଯୀଶୁ ଖ୍ରୀଷ୍ଟଙ୍କୁ ଅନୁସରଣ କରିଥିବା କୌଣସି ବ୍ୟକ୍ତିକୁ କେବେ ହେଲେ ଖାଦ୍ୟ ପାଇଁ ଏଣେ ତେଣେ ଭ୍ରମଣ କରୁଥିବାର ଦେଖା ଯାଇ ନାହିଁ ।

ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ଓ ନୂତନ ବର୍ଷ କେବଳ ଖ୍ରୀଷ୍ଟିଆନମାନଙ୍କ ଦ୍ୱାରା ପାଳିତ ହୁଏ, ତା' ନୁହେଁ, ମାତ୍ର ଅନ୍ୟ ସମସ୍ତ ଦେଶର ଲୋକମାନେ ଓ ଅନ୍ୟ ସମସ୍ତ ଧର୍ମାବଲମ୍ବୀମାନେ ମଧ୍ୟ ଏଗୁଡ଼ିକୁ ପାଳନ କରନ୍ତି । ଜାନୁୟାରୀ ୧ ତାରିଖରେ ବିଶେଷ ଉତ୍ସବ ଓ ଉପାସନା ସବୁ ମନ୍ଦିରଗୁଡ଼ିକରେ ଓ ସମସ୍ତ ଧର୍ମର ଉପାସନା ପୀଠରେ ଅନୁଷ୍ଠିତ ହୁଏ କାହିଁକି ? ସତ୍ୟ ସର୍ବଦା ସତ୍ୟ ଅଟେ । ଜଣେ ବ୍ୟକ୍ତି ଦୀର୍ଘ ସମୟ ଧରି ସତ୍ୟକୁ ଅସ୍ୱୀକାର କରିପାରିବ ନାହିଁ କିମ୍ବା ଲୁଚାଇ ପାରିବ ନାହିଁ । ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ହିଁ ପୃଥିବୀ ଇତିହାସକୁ ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟାବ୍ଦ ଭାବରେ ବିଭକ୍ତ କରିଥିଲା । ଜଗତ ପଥ ଭ୍ରଷ୍ଟ ହୋଇଥିବାରୁ, ଏହି ପୃଥିବୀର ସୃଷ୍ଟିକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟ ନାମରେ ମନୁଷ୍ୟ ରୂପ ଧାରଣ କରିଥିଲେ ଓ ନିଜର ଜନ୍ମ, ମୃତ୍ୟୁ ଓ ପୁନରୁତ୍ଥାନ ଦ୍ୱାରା ଆମ ନିମନ୍ତେ ଥିବା ତାଙ୍କର ମହାପ୍ରେମ ପ୍ରକାଶ କରିଥିଲେ (ରୋମୀୟ ୫:୮) । ଯେତେବେଳେ ମୃତ ବ୍ୟକ୍ତିମାନଙ୍କୁ ଧାରଣ କରିଥିବା ସମସ୍ତ କବର ବନ୍ଦ ହୋଇ ରହିଅଛି, ସେତେବେଳେ କେବଳ ଯୀଶୁ ଖ୍ରୀଷ୍ଟଙ୍କ କବର ଖୋଲା ହୋଇ ରହିଛି । କାହିଁକି ? ସେ ପ୍ରଭୁ ଓ ତ୍ରାଣକର୍ତ୍ତା ଅଟନ୍ତି ଯିଏ ମୃତ୍ୟୁକୁ ଜୟ କରି ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇଥିଲେ । ଯେ କୌଣସି ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କର ମଣ୍ଡଳୀକୁ ଘୃଣା କରି ଏହା ପ୍ରତି ଅତ୍ୟାଚାର କରିବାକୁ ଚେଷ୍ଟା କରିପାରେ । ମାତ୍ର ଈଶ୍ୱରଙ୍କ ମଣ୍ଡଳୀ ମନୁଷ୍ୟମାନଙ୍କ ନିୟନ୍ତ୍ରଣାଧୀନ ନୁହେଁ । ଏହା ପ୍ରତ୍ୟକ୍ଷ ଭାବରେ ଈଶ୍ୱରଙ୍କ ନିୟନ୍ତ୍ରଣାଧୀନ ଅଟେ । ଜଗତର ଆରମ୍ଭରୁ, ଈଶ୍ୱରଙ୍କ ସନ୍ତାନମାନଙ୍କ ସହଭାଗିତାରେ ଭୟଙ୍କର ଦୁଃଖ ଓ ବିରୋଧର ଅନୁଭୂତି ରହିଥିଲା । ମାତ୍ର କେହି ଈଶ୍ୱରଙ୍କ ମଣ୍ଡଳୀର ସଂପ୍ରସାରଣକୁ ନିୟନ୍ତ୍ରଣ କରିପାରି ନାହିଁ । ଇତିହାସରେ, ଆମେ ଏପରି ଦେଶ ଓ ଅଧିକାରୀମାନଙ୍କ ବିଷୟରେ ପାଠ କରୁ, ଯେଉଁମାନେ ଈଶ୍ୱରଙ୍କ ମଣ୍ଡଳୀଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ, ମାତ୍ର ପରେ ସେମାନେ ନିଶ୍ଚିହ୍ନ ହୋଇ ଯାଇଥିଲେ । ସେଥିପାଇଁ, ଆମେ ଅତ୍ୟଧିକ ଜ୍ଞାନର ସହିତ ସୁସମାଚାର ଘୋଷଣା କରିବା ଉଚିତ । ଈଶ୍ୱରଙ୍କ ଗୌରବ ବିଷୟରେ ଜାଣି ନ ଥିବା ଲୋକମାନେ ଯେତେବେଳେ ଈଶ୍ୱରଙ୍କ ସମ୍ବନ୍ଧୀୟ ଜ୍ଞାନପ୍ରାପ୍ତ ହୁଅନ୍ତି, ସେତେବେଳେ ସେମାନେ ଶାନ୍ତିପ୍ରାପ୍ତ ହୁଅନ୍ତି । ଏପରିକି ଆଜି ମଧ୍ୟ ଅନେକ ଲୋକ ପୃଥିବୀର ବିଭିନ୍ନ ଭାଗରେ ମଣ୍ଡଳୀ ମଧ୍ୟରେ ଅନ୍ତର୍ଭୁକ୍ତ ହେଉଛନ୍ତି । ପ୍ରତିଦିନ ଅସଂଖ୍ୟ ମଣ୍ଡଳୀ ମଧ୍ୟ ପ୍ରତିଷ୍ଠିତ ହେଉଅଛି ।

## ୧. ମୁଁ ମୋହର ମଣ୍ଡଳୀ ନିର୍ମାଣ କରିବି

ଯେତେବେଳେ ଯୀଶୁ ଖ୍ରୀଷ୍ଟ କାଇସରୀଆ ଫିଲିପ୍ପୀ ଅଞ୍ଚଳ ମଧ୍ୟକୁ ଆସିଲେ, ସେତେବେଳେ ସେ ନିଜର ଶିଷ୍ୟମାନଙ୍କୁ ପ୍ରଶ୍ନ କଲେ, ''ମନୁଷ୍ୟ ପୁତ୍ର କିଏ ବୋଲି ଲୋକେ କଅଣ କହନ୍ତି ?'' ଏଥିରେ ସେମାନେ କହିଲେ, ''କେହି କେହି କହନ୍ତି, ବାପ୍ତିଜକ ଯୋହନ, କେହି କେହି ଏଲୀୟ, ଆଉ କେହି କେହି ଯିରିମିୟ ଅବା ଭାବବାଦୀମାନଙ୍କ ମଧ୍ୟରୁ ଜଣେ ।''

ସେ ସେମାନଙ୍କୁ ପଚାରିଲେ, ''କିନ୍ତୁ ମୁଁ କିଏ ବୋଲି ତୁମ୍ଭେମାନେ କଅଣ କହୁଅଛ ?'' ଶିମୋନ ପିତର, ଉତ୍ତର ଦେଲେ, ''ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' ଏଥିରେ ଯୀଶୁ ତାଙ୍କୁ ଉତ୍ତର ଦେଲେ, 'ହେ ଯୂନସର ପୁତ୍ର ଶିମୋନ, ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଅଛନ୍ତି । ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ'' (ମାଥିଉ ୧୬:୧୭-୧୮) ।

ଏଠାରେ ଆମର ପ୍ରଭୁ ତାଙ୍କ ବିଷୟରେ ଅନ୍ୟ ଲୋକମାନେ କ'ଣ କହୁଛନ୍ତି ବୋଲି ଶିମୋନଙ୍କୁ ପଚାରୁଛନ୍ତି । ତାଙ୍କ ବିଷୟରେ ଲୋକମାନେ କ'ଣ କହୁଥିଲେ ବୋଲି ଜାଣିବା ଭଳି ଚିନ୍ତାଧାରା ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କର ରହିଥିଲା । ଏଥିରୁ ଆମେ ଏହା ବୁଝିବା ଉଚିତ୍ ଯେ ପ୍ରତ୍ୟେକ ଆତ୍ମିକ ନେତା ତାଙ୍କ ବିଷୟରେ ଲୋକମାନେ କ'ଣ କହନ୍ତି, ତାହା ଜାଣିବା ଉଚିତ । କେହି ଏହା କହିବା ଉଚିତ ନୁହେଁ, ''ଅନ୍ୟମାନେ ମୋ' ବିଷୟରେ କ'ଣ କହୁଛନ୍ତି ଏ ବିଷୟରେ ମୁଁ ଆଦୌ ଚିନ୍ତିତ ନୁହେଁ । ମୁଁ ମୋ' ନିଜ ବିବେକ ଅନୁସାରେ କାର୍ଯ୍ୟ କରୁଅଛି ।'' ଯେତେବେଳେ ଅନ୍ୟମାନେ ତାଙ୍କ ବିଷୟରେ କ'ଣ କହୁଛନ୍ତି ବୋଲି ଯୀଶୁ ପିତରଙ୍କୁ ପ୍ରଶ୍ନ କଲେ, ସେତେବେଳେ ସେ ଉତ୍ତର ଦେଇଥିଲେ, ''ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' ଏଠାରେ ପିତର ପାଇଥିବା ପ୍ରତ୍ୟାଦେଶ ଦ୍ୱାରା କଥା କହୁଛନ୍ତି । ଯୀଶୁ ଖ୍ରୀଷ୍ଟ କହିଥିଲେ ଯେ ଏହା ମାଂସ ଓ ରକ୍ତ ତାଙ୍କ ନିକଟରେ ପ୍ରକାଶ କରି ନ ଥିଲା, ମାତ୍ର ସ୍ୱର୍ଗସ୍ଥ ପିତା ତାହା ପ୍ରକାଶ କରିଥିଲେ । ଆଜି ଲୋକମାନେ ଖ୍ରୀଷ୍ଟିଆନମାନଙ୍କୁ ମୂର୍ଖ, ଅଜ୍ଞ ଲୋକ, ନିର୍ବୋଧ, ଖ୍ରୀଷ୍ଟ ଧର୍ମର ପ୍ରଚାରକ ଓ ଲୋକମାନଙ୍କୁ ପରିବର୍ତ୍ତନ କରୁଥିବା ଲୋକ ଭାବରେ ବିଚାର କରୁଛନ୍ତି । ଯଦି ଜଣେ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ, ତେବେ ଏହାର ଅର୍ଥ ହେଉଛି ଯେ ମାଂସ ଓ ରକ୍ତ ତା' ନିକଟରେ ଏହା ପ୍ରକାଶ କରି ନ ଥିଲା, ମାତ୍ର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଥିଲେ ।

ଆମେ ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କୁ ଆମର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଅଛୁ ଆମେ ପ୍ରଭୁଙ୍କ ଠାରୁ ଏକ ପ୍ରତ୍ୟାଦେଶ ପାଇଅଛୁ । ଯେଉଁମାନେ ସେମାନଙ୍କ ଜୀବନରେ ପ୍ରତ୍ୟାଦେଶ ପାଇଛନ୍ତି, ସେମାନେ ସେହି ସ୍ୱର୍ଗସ୍ଥ ପ୍ରଭୁଙ୍କର ଅଟନ୍ତି ଯିଏ ଆମର ଅତୀତ ଜୀବନକୁ ବିଚାର କରନ୍ତି ନାହିଁ ।

ଆପଣ କହିପାରିବେ ନାହିଁ ଯେ ପ୍ରଭୁ ଆପଣଙ୍କୁ କଥା କହି ନ ଥିଲେ କିମ୍ବା ଆପଣ ପ୍ରଭୁଙ୍କର ସ୍ୱର ଶୁଣି ନ ଥିଲେ କିମ୍ବା ପ୍ରଭୁଙ୍କ ସହିତ ଆପଣଙ୍କର କୌଣସି ସଂପର୍କ ନାହିଁ । ''... ମାଂସ ଓ ରକ୍ତ ଏହା ତୁମ ନିକଟରେ ପ୍ରକାଶ କରି ନାହିଁ, ମାତ୍ର ମୋହର ସ୍ୱର୍ଗସ୍ଥ ପିତା ଏହା ପ୍ରକାଶ କରିଅଛନ୍ତି'' ବୋଲି ପ୍ରଭୁ ପିତରଙ୍କୁ କହିଥିବାରୁ, ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ଆପଣଙ୍କର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି । ଯୀଶୁ ଖ୍ରୀଷ୍ଟ ସତ୍ୟ ପରମେଶ୍ୱର ଅଟନ୍ତି, ସେ ପ୍ରଭୁ ମାନଙ୍କର ପ୍ରଭୁ ଓ ଏହି ଜଗତର ସର୍ବୋଚ୍ଚ ଓ ସର୍ବୋପରିସ୍ଥ ଅଟନ୍ତି । ଏହା ସ୍ୱର୍ଗୀୟ

ପ୍ରତ୍ୟାଦେଶ ଅଟେ । ଜଣେ ବ୍ୟକ୍ତି ପ୍ରଭୁଙ୍କଠାରୁ ପ୍ରତ୍ୟାଦେଶ ନ ପାଇ ବାଧ୍ୟବାଧକତା ଦ୍ୱାରା କିମ୍ବା ଅନ୍ୟମାନଙ୍କର ପ୍ରଚେଷ୍ଟା ଦ୍ୱାରା ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିପାରେ ନାହିଁ । ସେଥିପାଇଁ, ଯେଉଁମାନେ ସ୍ୱର୍ଗରୁ ପ୍ରତ୍ୟାଦେଶ ପାଇଛନ୍ତି, ସେମାନେ ଏହି ଜଗତଠାରୁ ଏକ ପୃଥକୀକୃତ ଓ ଏକ ଭିନ୍ନ ପ୍ରକାର ଜୀବନ କାଟିବା ଉଚିତ ।

ଲୋକମାନେ ସେମାନଙ୍କ ଜୀବନରେ ବିଭିନ୍ନ ମାର୍ଗରେ ଉନ୍ନତି କରିବାକୁ ଚେଷ୍ଟା କରୁଛନ୍ତି, ମାତ୍ର ବାଇବଲ କେବଳ ଈଶ୍ୱରଙ୍କ ସନ୍ତାନମାନଙ୍କୁ କିମ୍ବା ତାଙ୍କଠାରୁ ପ୍ରତ୍ୟାଦେଶ ପାଇଥିବା ଲୋକମାନଙ୍କୁ ଏହି ଶିକ୍ଷା ଦିଏ ଯେ ଯଦି ସବୁକିଛି ତାଙ୍କ ଶିକ୍ଷାନୁଯାୟୀ କରାଯାଏ, ତେବେ ସେମାନେ ଜୀବନରେ ଉନ୍ନତି କରିବେ ।

## ୨. ମୋହର ମଣ୍ଡଳୀ

ଏହି ଜଗତରେ ଯେ କୌଣସି ବ୍ୟକ୍ତି ଯେ କୌଣସି କାର୍ଯ୍ୟ କରିପାରେ । ମାତ୍ର ମଣ୍ଡଳୀ ନିର୍ମାଣ କରିବାର କାର୍ଯ୍ୟ ପ୍ରଭୁଙ୍କ ହସ୍ତରେ ନ୍ୟସ୍ତ ହୋଇଛି । ମାଥିଉ ୧୬:୧୮ରେ ଯୀଶୁ ଖ୍ରୀଷ୍ଟ କହିଛନ୍ତି, "ମୁଁ ମୋହର ମଣ୍ଡଳୀ ନିର୍ମାଣ କରିବି ।" ପିତର କିମ୍ବା ପାଉଲ ମଣ୍ଡଳୀ ନିର୍ମାଣ କରିବେ ବୋଲି ସେ କହି ନ ଥିଲେ । ନର୍କର ବଳ ଏହା ବିରୁଦ୍ଧରେ ବିଜୟୀ ହେବ ନାହିଁ ।

ଈଶ୍ୱରଙ୍କ ସନ୍ତାନମାନଙ୍କର ସଭା ହିଁ ଈଶ୍ୱରଙ୍କ ମଣ୍ଡଳୀ ଅଟେ । ଏହା କେବଳ ଗୋଟିଏ ଗୃହ ନୁହେଁ । ଯେତେବେଳେ ମୁଁ କହେ ଯେ ଏହି ମଣ୍ଡଳୀରେ ଗୋଟିଏ ଉପାସନା ହେବ, ସେତେବେଳେ ମୁଁ କୌଣସି ଗୃହକୁ ଉଲ୍ଲେଖ କରୁ ନ ଥାଏ । ଏହା ସେହି ସ୍ଥାନକୁ ସୂଚିତ କରେ ଯେଉଁଠାରେ ଈଶ୍ୱରଙ୍କ ସନ୍ତାନମାନେ ଏକତ୍ରିତ ହୁଅନ୍ତି । ଈଶ୍ୱର ନିଜେ ତାଙ୍କ ମଣ୍ଡଳୀ ନିର୍ମାଣ କରିବେ । ଗୋଟିଏ ମଣ୍ଡଳୀରେ ଏକତ୍ରିତ ହୋଇଥିବା ଆମେ ସମସ୍ତେ ଈଶ୍ୱରଙ୍କ ମଣ୍ଡଳୀ ଅଟୁ ।

ପ୍ରଭୁ ଆପଣମାନଙ୍କୁ, ଅର୍ଥାତ୍ ଈଶ୍ୱରଙ୍କ ଲୋକମାନଙ୍କୁ ନିର୍ମାଣ କରିବେ । ଈଶ୍ୱର ପ୍ରତିଜ୍ଞା କରିଛନ୍ତି ଯେ ନରକର ବଳ ଏହାକୁ ପରାଜୟ କରିପାରିବ ନାହିଁ । ଏହାକୁ ଗ୍ରହଣ କରିବା ସମୟରେ, ଆପଣ ଆପଣଙ୍କ ଜୀବନରେ ମଣ୍ଡଳୀକୁ ଗୁରୁତ୍ୱ ଦେବା ଉଚିତ । ପ୍ରଭୁ କହନ୍ତି ଯେ ସେ ଆମକୁ ନିର୍ମାଣ କରି ଉନ୍ନତ କରିବେ । ନରକର ବଳ ଆମକୁ ପରାଜିତ କରି ପାରିବ ନାହିଁ । ପ୍ରଭୁ ନିଜ ହସ୍ତରେ ଏହି ନିଶ୍ଚୟତାକୁ ଧରିଛନ୍ତି । ପ୍ରଭୁ ଆପଣଙ୍କର ଅସୁବିଧା ଓ ଦୁଃଖ ପ୍ରତି ଦୃଷ୍ଟିପାତ କରିବେ ଓ ଆପଣଙ୍କୁ, ଅର୍ଥାତ୍ ତାଙ୍କ ମଣ୍ଡଳୀକୁ ନିର୍ମାଣ କରିବେ । ରୋଗ, କ୍ଲେଶ, ଋଣ, ଦାରିଦ୍ର୍ୟ, ସମସ୍ୟା ଆପଣଙ୍କ ବିରୁଦ୍ଧରେ ବିଜୟୀ ହେବ ନାହିଁ କାରଣ ଆପଣ ତାଙ୍କ ମଣ୍ଡଳୀ ଅଟନ୍ତି । ସେ ଈଶ୍ୱର ଅଟନ୍ତି ବୋଲି ମାଂସ ଓ ରକ୍ତ ନୁହେଁ, ମାତ୍ର ସ୍ୱର୍ଗ ତାହା ଆପଣଙ୍କ ନିକଟରେ ପ୍ରକାଶ କରିଥିଲା । ଯେଉଁମାନେ ମଣ୍ଡଳୀଗୁଡ଼ିକରେ ଏକତ୍ରିତ ହୁଅନ୍ତି, ସେମାନେ ଆଦୌ ପରିତ୍ୟକ୍ତ ହେବେ ନାହିଁ ।

ଈଶ୍ୱର ସେମାନଙ୍କୁ ଏପରି ଲୋକମାନଙ୍କ ସହିତ ତୁଳନା କରନ୍ତି ଯେଉଁମାନେ ପଥର ଉପରେ ସେମାନଙ୍କର ଗୃହ ନିର୍ମାଣ କରନ୍ତି । ଜଣେ ବ୍ୟକ୍ତି ବାଲି ଉପରେ ନିଜର ଗୃହ ନିର୍ମାଣ କରିଛି । ଏହାପରେ ଝଡ଼ ଆସିଛି । ପ୍ରବଳ ବୃଷ୍ଟିପାତ ହୋଇଛି । ଏହା ଫଳରେ ବନ୍ୟା ଆସି ଗୃହକୁ ଧ୍ୱଂସ କରି ଦେଇଛି । ମାତ୍ର ଅନ୍ୟ ଜଣେ ବ୍ୟକ୍ତି ପଥର ଉପରେ ନିଜର ଗୃହ ନିର୍ମାଣ କରିଛି । ପବନ ମଧ୍ୟ ବହିଛି ଓ ପ୍ରବଳ ବୃଷ୍ଟିପାତ ହୋଇ ବନ୍ୟା ଆସିଛି । ଗୃହ ସ୍ଥିର ରହିଛି । ସେହିପରି ଈଶ୍ୱରଙ୍କ ଲୋକ ପ୍ରତି ଯେ କୌଣସି କଷ୍ଟ କିମ୍ବା ପରାଜୟ ଆସିଲେ ମଧ୍ୟ ସେ ଦୃଢ଼ ଭାବରେ ଠିଆ ହୋଇ ରହେ । ପ୍ରଭୁ ଆପଣଙ୍କ ଉପରେ ନିର୍ମାଣ କରିବେ କାରଣ ଆପଣ ତାଙ୍କର ମଣ୍ଡଳୀ ଅଟନ୍ତି । ନରକର ବଳ ଆପଣଙ୍କ ବିରୁଦ୍ଧରେ ବଳବତ୍ତର ହୋଇପାରିବ ନାହିଁ । ପ୍ରଭୁ କହିଛନ୍ତି ଯେ ସେ ଏପରି ବ୍ୟକ୍ତି ସହିତ ଆପଣଙ୍କୁ ତୁଳନା କରିବେ ଯିଏ ନିଜର ଗୃହ ପଥର ଉପରେ ନିର୍ମାଣ କରେ ।

ଆମେ କେବଳ ସେତେବେଳେ ବିଜୟୀ ଅଟୁ ଯେତେବେଳେ ଆମେ ଈଶ୍ୱରଙ୍କ ମଣ୍ଡଳୀରେ ଥାଉ । ସେହି କାରଣରୁ ବାଇବଲ କହେ ଯେ ଆମେ ଆମ ମଣ୍ଡଳୀକୁ ପରିତ୍ୟାଗ କରିବା ଉଚିତ୍ ନୁହେଁ (ଏବ୍ରୀ ୧୦:୨୫) । ଅନେକଙ୍କ ପାଇଁ ଈଶ୍ୱରଙ୍କ ମଣ୍ଡଳୀକୁ ଆସିବା ଏକ କଷ୍ଟକର ବିଷୟ ଅଟେ, ସେମାନେ କହନ୍ତି – ଗୀର୍ଜାଗୃହ ଦୂରରେ ଅଛି, ସେମାନେ କ୍ଲାନ୍ତ ଅଟନ୍ତି, ଯାନବାହାନର ସୁବିଧା ନାହିଁ, ଇତ୍ୟାଦି । ସେଥିପାଇଁ ଏହି ଲୋକମାନେ ମଣ୍ଡଳୀକୁ ଯାଇ ତାଙ୍କର ଉପାସନା କରିବାର ଓ ଈଶ୍ୱରଙ୍କ ଆଶୀର୍ବାଦ ପାଇବାର ସୁଯୋଗକୁ ହରାଇ ଦିଅନ୍ତି । ଏହା, ଅର୍ଥାତ୍, ଯୀଶୁ ଖ୍ରୀଷ୍ଟ ଓ ଈଶ୍ୱରଙ୍କ ମଣ୍ଡଳୀ ମଧ୍ୟରେ ଥିବା ସଂପର୍କ ସମ୍ବନ୍ଧୀୟ ନିଗୂଢ଼ତତ୍ତ୍ୱ ଅତି ବଡ଼ ଅଟେ । ଯଦି ଆପଣ ଗୋଟିଏ ମଣ୍ଡଳୀ ମଧ୍ୟରେ ଅଛନ୍ତି, ତେବେ ଏହି ଜଗତରେ କୌଣସି ବିଷୟ ଆପଣଙ୍କୁ ପରାସ୍ତ କରିବ ନାହିଁ । ଆପଣ ବିଜୟୀ ହେବେ ।

ଯେଉଁମାନେ ଈଶ୍ୱରଙ୍କ ମଣ୍ଡଳୀର ସଦସ୍ୟ ଅଟନ୍ତି – ଯେଉଁ ସାଧୁମାନେ ତାଙ୍କ ମଣ୍ଡଳୀରେ ଅଂଶଗ୍ରହଣ କରନ୍ତି – ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି, ସେମାନେ ଏକ ଉଚ୍ଚତର ଶ୍ରେଣୀର ଲୋକ ଅଟନ୍ତି । ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ ଯାହା ସେମାନଙ୍କୁ ଧ୍ୱଂସ କରିପାରିବ । ଆପଣଙ୍କ ଜୀବନର ସମସ୍ତ ପରାଜୟ ଆପଣଙ୍କ ନିମନ୍ତେ ବିଜୟରେ ପରିଣତ ହେବ । ପୃଥିବୀ ଉପରେ ସ୍ୱର୍ଗର କ୍ଷମତାକୁ ପ୍ରୟୋଗ କରିବାର ଆଧାର ତାଙ୍କର ମଣ୍ଡଳୀ ଅଟେ । କେବଳ ଏହି ମଣ୍ଡଳୀଗୁଡ଼ିକ ମାଧ୍ୟମରେ, ଈଶ୍ୱର ଦେଶଗୁଡ଼ିକୁ ଆଶୀର୍ବାଦ କରନ୍ତି ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


**नहेम्याह बाइबल कॉलेज**
**रेसिडेन्शल कॉलेज, चेन्नई।**

माध्यम: हिन्दी

*सदस्यता के लिए पंजीकृत उम्मीदवार* - ATA

ECHO OF HIS CALL 1968-2018 REACHING NATIONS

ATA Regd. Candidate for Membership NEHEMIAH BIBLE COLLEGE CHENNAI ECHO OF HIS CALL Estd. 1968

**सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षो से सेवारत वरिष्ठ पासवान**

सर्टिफिकेट इन थियोलॉजी – 1 साल
डिप्लोमा ऑफ थियोलॉजी – 2 साल

**योग्यता 10 वी या अधिक**
**जल्दी करें!**

**Contact : The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)
ପ୍ରଶଂସା ଓ ପ୍ରାର୍ଥନାର ବିଷୟ,
(୨୦୨୩ ଫେବୃଆରୀ ୧୯ ରୁ ୨୦୨୩ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ)
(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | | |
|---|---|---|
| ଫେବୃଆରୀ ୧୯ | ⇨ | ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ । |
| ଫେବୃଆରୀ ୨୦ | ⇨ | ଆମ ମଣ୍ଡଳୀର ସମସ୍ତ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଯୁବ ବର୍ଗଙ୍କୁ ଆଶୀର୍ବାଦ କରିଥିବାରୁ । |
| ଫେବୃଆରୀ ୨୧ | ⇨ | ଆମର ପ୍ରାର୍ଥନା ସାଥୀ, ସଭ୍ୟ, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ପ୍ରତି ତାଙ୍କର ଦୟା ନିମନ୍ତେ । |
| ଫେବୃଆରୀ ୨୨ | ⇨ | ଆମ "ଆହ୍ୱାନର ପ୍ରତିଧ୍ୱନି" ୟୁ-ଟ୍ୟୁବ୍ ଚ୍ୟାନେଲ୍‌ର ପ୍ରସାରଣରେ ଆମକୁ ସାହାଯ୍ୟ କରୁଥିବା ଏକ ଉତ୍ତମ ଗଣ ପ୍ରତିନିଧି ଦଳ ନିମନ୍ତେ । |
| ଫେବୃଆରୀ ୨୩ | ⇨ | ଆମ ୟୁ-ଟ୍ୟୁବ୍ ପ୍ରସାରଣ ପାଇଁ ସ୍ୱତନ୍ତ୍ର କ୍ୟାମେରା ଯୋଗାଇଥିବାରୁ । |
| ଫେବୃଆରୀ ୨୪ | ⇨ | ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର ପାଇଁ ଆମର ବରିଷ୍ଠ ପାଳକଙ୍କର ସଂକଳ୍ପ ନିମନ୍ତେ । |
| ଫେବୃଆରୀ ୨୫ | ⇨ | ଆମର "ଆହ୍ୱାନର ପ୍ରତିଧ୍ୱନି" କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱର୍ଗୀୟ ସୁରକ୍ଷା ଦ୍ୱାରା ଆଶୀର୍ବାଦ କରିଥିବାରୁ । |
| ଫେବୃଆରୀ ୨୬ | ⇨ | ଆମ ପ୍ରତି ଆମ ସାଥୀଗଣଙ୍କଠାରୁ ନୈତିକ ଓ ଅର୍ଥ ସହାୟତା ଯୋଗାଇଥିବାରୁ । |
| ଫେବୃଆରୀ ୨୭ | ⇨ | ସୁସମାଚାର ଜାଣି ନ ଥିବା ବିଭିନ୍ନ ଭାଷାବାଦୀ ଲୋକମାନଙ୍କ ନିକଟରେ ସୁସମାଚାର ପହଞ୍ଚାଇବା ପାଇଁ ଆମର ଗଣମାଧ୍ୟମ ସେବାକାର୍ଯ୍ୟ ଓ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲ ଉପରେ ଆଶୀର୍ବାଦ କରିଥିବାରୁ । |
| ଫେବୃଆରୀ ୨୮ | ⇨ | ଆମର ୨୦୨୩ କ୍ୟାଲେଣ୍ଡର ଓ ପ୍ରତିଜ୍ଞା କାର୍ଡ ଛପାଇ, ସେଗୁଡ଼ିକୁ ପ୍ରେରଣ କରିବାର କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଆମକୁ ଅନୁଗ୍ରହ ପ୍ରଦାନ କରିଥିବାରୁ । |
| ମାର୍ଚ୍ଚ ୧ | ⇨ | ଅଧିକ ସଂଗଠିତ ମାର୍ଗରେ କାର୍ଯ୍ୟ କରିବା ପାଇଁ ଆମ ମଣ୍ଡଳୀକୁ ଆଶୀର୍ବାଦ କରିଥିବାରୁ । |
| ମାର୍ଚ୍ଚ ୨ | ⇨ | ଆମର ଆବାସିକ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କ ନିମନ୍ତେ ସଙ୍ଗୀତ ଶିକ୍ଷାର ସୁଯୋଗ ପ୍ରଦାନ କରିଥିବାରୁ । |
| ମାର୍ଚ୍ଚ ୩ | ⇨ | ଆବାସିକ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲଠାରେ ବିଶେଷ ବଡ଼ଦିନ କାର୍ଯ୍ୟକ୍ରମକୁ ଆଶୀର୍ବାଦ କରିଥିବାରୁ । |

## ପ୍ରାର୍ଥନାର ବିଷୟ

| | | |
|---|---|---|
| ମାର୍ଚ୍ଚ ୪ | ⇨ | ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜକୁ ଯୋଗ୍ୟ ଛାତ୍ରମାନଙ୍କୁ ଯୋଗାଇବା ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ ୫ | ⇨ | ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ । |
| ମାର୍ଚ୍ଚ ୬ | ⇨ | ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ଦେବା ନିମନ୍ତେ । |
| ମାର୍ଚ୍ଚ ୭ | ⇨ | କୋଭିଡ୍‌ର ନୂତନ ପ୍ରଜାତିରୁ ପୃଥିବୀର ଦେଶଗୁଡ଼ିକୁ ସ୍ୱର୍ଗୀୟ ସୁରକ୍ଷା ଦେବା ନିମନ୍ତେ । |
| ମାର୍ଚ୍ଚ ୮ | ⇨ | ପ୍ରିଣ୍ଟିଂ ପ୍ରେସର ଅପରେଟର, ଗାଡ଼ି ଚାଳକ ଓ କମ୍ପ୍ୟୁଟର ଅପରେଟରମାନଙ୍କ ଭଳି କର୍ମଚାରୀମାନଙ୍କ ନିମନ୍ତେ । |
| ମାର୍ଚ୍ଚ ୯ | ⇨ | ଦେଶର ପିଲା ଓ ଯୁବକମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ । |
| ମାର୍ଚ୍ଚ ୧୦ | ⇨ | ସୁସମାଚାର ପ୍ରଚାରକମାନେ ଯେପରି ସଠିକ୍ ଓ ଅମିଶ୍ରିତ ଭାବେ ପ୍ରଚାର କରିବେ । |
| ମାର୍ଚ୍ଚ ୧୧ | ⇨ | କାରାଗାରରେ ସେବାକାର୍ଯ୍ୟ କରୁଥିବା ଈଶ୍ୱରଙ୍କ ଦାସମାନଙ୍କ ନିମନ୍ତେ । |
| ମାର୍ଚ୍ଚ ୧୨ | ⇨ | ପିଲା ଓ ଯୁବକମାନଙ୍କୁ ଈଶ୍ୱର ଯେପରି ଅନ୍-ଲାଇନ୍ ଖେଳରୁ ସୁରକ୍ଷା ଦେବେ । |
| ମାର୍ଚ୍ଚ ୧୩ | ⇨ | ଆମ "ଆହ୍ୱାନର ପ୍ରତିଧ୍ୱନି" ୟୁ-ଟ୍ୟୁବ୍ ଚ୍ୟାନେଲରେ ପାଳକ ଏସ୍.ସାମ୍.ସେଲ୍ଭାରାଜ ଯେପରି ଅଧିକ ଭାଷାରେ ବାର୍ତ୍ତା ପ୍ରସାରଣ କରିବେ । |
| ମାର୍ଚ୍ଚ ୧୪ | ⇨ | ଶିକ୍ଷାଦାନ ଓ ଅନୁବାଦ କାର୍ଯ୍ୟରେ ଅନ୍ତର୍ଭୁକ୍ତ ଥିବା ଆମ ସହକର୍ମୀମାନଙ୍କ ନିମନ୍ତେ । |
| ମାର୍ଚ୍ଚ ୧୫ | ⇨ | ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ । |
| ମାର୍ଚ୍ଚ ୧୬ | ⇨ | ନିଜର ଆତ୍ମ-ଜୀବନୀ ଲେଖିବାରେ ଆମର ବରିଷ୍ଠ ପାଳକ ଯେପରି ସଫଳ ହେବେ । |
| ମାର୍ଚ୍ଚ ୧୭ | ⇨ | ଇସ୍ରାଏଲର ଶାନ୍ତି ନିମନ୍ତେ । |
| ମାର୍ଚ୍ଚ ୧୮ | ⇨ | ବୃଦ୍ଧାଶ୍ରମ ଗୁଡ଼ିକରେ ରହୁଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ନିମନ୍ତେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଯଦି ଆପଣ ଏହି ସତ୍ୟ ବିଷୟରେ ଲୋକମାନଙ୍କୁ କହିବେ, ତେବେ ସେମାନଙ୍କ ପାଇଁ ଏହା ବୁଝିବା କଷ୍ଟକର ହେବ । ଯେଉଁମାନେ ଖ୍ରୀଷ୍ଟ ଧର୍ମର ଅନୁଗାମୀ ଅଟନ୍ତି, ସେମାନେ କମ୍ ସୁଯୋଗପ୍ରାପ୍ତ ଓ କଷ୍ଟ ମଧ୍ୟରେ ରହିଥିବା ଲୋକ ଅଟନ୍ତି । ଆପଣ ପଚାରି ପାରନ୍ତି, ''ଏହି ଲୋକମାନେ ଈଶ୍ୱରଙ୍କ ଦ୍ୱାରା ମନୋନୀତ ଅଟନ୍ତି କି ?'' ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଛନ୍ତି, ସେମାନେ ଏହି ଜଗତର ନୁହଁନ୍ତି । ସ୍ୱର୍ଗ ସେମାନଙ୍କୁ ସୁରକ୍ଷା ଦିଏ ।

## ୩. ମଣ୍ଡଳୀରେ ରୋପିତ ହୋଇଥିବା ବ୍ୟକ୍ତିମାନେ ଉନ୍ନତି କରିବେ

''ଯେଉଁମାନେ ସଦାପ୍ରଭୁଙ୍କ ଗୃହରେ ରୋପିତ ହୁଅନ୍ତି, ସେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରାଙ୍ଗଣରେ ବର୍ଦ୍ଧିଷ୍ଣୁ ହେବେ'' (ଗୀତସଂହିତା ୯୨:୧୩) ।

ଆମେ ଏକ କୃତ୍ରିମ ଗଛକୁ ବାହାର କରି ପୁଣି ଥରେ ଏହାକୁ ରୋପଣ କରିପାରିବା । ଏଥିରେ ପାଣି ଦେବାର କୌଣସି ଆବଶ୍ୟକତା ନ ଥାଏ । ଯେଉଁମାନେ ସଦାପ୍ରଭୁଙ୍କ ଗୃହରେ ରୋପିତ ହୋଇ ନାହାଁନ୍ତି, ସେମାନେ କୃତ୍ରିମ ବୃକ୍ଷ ସଦୃଶ କ୍ଷଣସ୍ଥାୟୀ ଭାବରେ ରୋପିତ ହୋଇ ନାହାନ୍ତି । ଗୋଟିଏ ପ୍ରାକୃତିକ ଉଦ୍ଭିଦ ଭୂମିରେ ରୋପିତ ହୁଏ ଓ ଜଳପାଏ । ଯେଉଁମାନଙ୍କ ଜୀବନ ଫଳଦାୟୀ ବୃକ୍ଷ ସଦୃଶ ଅଟେ, ସେମାନେ ଈଶ୍ୱରଙ୍କ ମଣ୍ଡଳୀରେ ଉନ୍ନତି କରିବେ । ଯେଉଁମାନଙ୍କ ଜୀବନ ଏହି ବୃକ୍ଷ ସଦୃଶ ଅଟେ, କେବଳ ସେମାନେ ବାସ୍ତବରେ ସେମାନଙ୍କ ଜୀବନରେ ଉନ୍ନତି କରିବେ ।

ଈଶ୍ୱରଙ୍କ ମଣ୍ଡଳୀରେ ରୋପିତ, ଜଳସିକ୍ତ ଓ ଖାତଯୁକ୍ତ ଲୋକ ଉନ୍ନତି କରିବ ଓ ମଣ୍ଡଳୀରେ ଫଳ ପ୍ରଦାନ କରିବ ।

ବାସ୍ତବରେ ସମର୍ପଣ ସହିତ ମଣ୍ଡଳୀରେ କାର୍ଯ୍ୟ କରୁଥିବା ଓ ପାଳକଙ୍କୁ ସାହାଯ୍ୟ କରିବା ଦ୍ୱାରା ଫଳ ପ୍ରଦାନ କରୁଥିବା ଲୋକମାନେ ହିଁ ଉନ୍ନତି କରିବେ । ଆଜି ଅଧିକାଂଶ ଲୋକଙ୍କ ନିକଟରେ ଏହି ପ୍ରକାର କୌଣସି ଇଚ୍ଛା ନାହିଁ । କେତେକ ଲୋକ ମଣ୍ଡଳୀରେ ବାପ୍ତିସ୍ମ ନେବା ପରେ ପରିତ୍ରାଣ ପାଇଛନ୍ତି ବୋଲି ଭାବି ନିଅନ୍ତି । ସେଥିପାଇଁ ସେମାନେ ମଣ୍ଡଳୀକୁ ପରିତ୍ୟାଗ କରି ସେମାନଙ୍କ ନିଜସ୍ୱ ମଣ୍ଡଳୀ କିମ୍ବା ଅନୁଷ୍ଠାନ ପ୍ରତିଷ୍ଠା କରନ୍ତି ଓ ଏପରି କାର୍ଯ୍ୟ ସବୁ କରନ୍ତି ଯେଉଁଗୁଡ଼ିକ ପ୍ରଭୁଙ୍କ ଦ୍ୱାରା ଗ୍ରାହ୍ୟ ନୁହେଁ । ଏହା ଫଳରେ ସେମାନେ ସମସ୍ତ ପ୍ରକାର ଅସୁବିଧାରେ ପଡନ୍ତି । ଶେଷରେ ସେମାନେ ସେମାନଙ୍କର ସମସ୍ତ ବିଷୟରୁ ଦୂରେଇ ଯିବାର ପର୍ଯ୍ୟାୟକୁ ଆସନ୍ତି । ଆପଣ ସେତେବେଳେ ଉନ୍ନତି ଲାଭ କରିବେ ଯେତେବେଳେ ଈଶ୍ୱରଙ୍କ ମଣ୍ଡଳୀରେ ଈଶ୍ୱରଙ୍କ ଦ୍ୱାରା ଆପଣଙ୍କ ଉପରେ ନ୍ୟସ୍ତ ହୋଇଥିବା ଦର୍ଶନକୁ, କାର୍ଯ୍ୟକୁ ଓ ଦାୟିତ୍ୱକୁ ବିଶ୍ୱସ୍ତ ଭାବରେ କାର୍ଯ୍ୟକାରୀ କରିବେ । କେତେକ ଲୋକ ପ୍ରଶ୍ନ କରିପାରନ୍ତି, ''ଯଦି ମୁଁ ଗୀର୍ଜାକୁ ଯିବି, ତେବେ ସବୁ କିଛି ସଠିକ୍ ହୋଇଯିବ କି ?'' ହଁ, ସବୁକିଛି ସଠିକ୍ ହୋଇଯିବ । ଯେତେବେଳେ ସାଧାରଣ ଲୋକଙ୍କୁ ଏହା କୁହାଯାଏ, ସେତେବେଳେ ସେମାନେ ଏହା ବୁଝିପାରନ୍ତି ନାହିଁ । ଯେତେବେଳେ ମୁଁ ଗୋଟିଏ ଛୋଟ ବାଳକ ଥିଲି, ସେତେବେଳେ ମୁଁ ମୋର ବୃଦ୍ଧ ପାଳକଙ୍କର ଚପଲ ପରିଷ୍କାର କରୁଥିଲି ଓ ତାଙ୍କୁ ସାହାଯ୍ୟ କରୁଥିଲି । ତାହା ମୋର ସେବାକାର୍ଯ୍ୟ ଥିଲା । ଏହି ଛୋଟ ସେବା ଯୋଗୁ, ପ୍ରଭୁ ମୋତେ ଏହି ଗୌରବମୟ ସେବାକାର୍ଯ୍ୟ ମଧ୍ୟକୁ ଆଣିଥିଲେ । ଆପଣ ମଣ୍ଡଳୀରେ ରୋପିତ ହୋଇଛନ୍ତି କିମ୍ବା କେବଳ ସେଠାରେ ସ୍ଥାନିତ ହୋଇଛନ୍ତି ? ଆଜି ଅନେକ ଲୋକ ଦୃଢ଼ ଭାବରେ ରୋପିତ ବିଶ୍ୱାସୀ ନୁହଁନ୍ତି, ମାତ୍ର କେବଳ ପରିଦର୍ଶକ ଅଟନ୍ତି । ଭୂମିରେ ଉତ୍ତମଭାବେ ରୋପିତ ଗୋଟିଏ ବୃକ୍ଷ ଫଳ ପ୍ରଦାନ କରେ । ଅନେକଙ୍କ ଜୀବନ ଫଳଶୂନ୍ୟ ଅଟେ । ଆମେ ଏହା କହୁ ଯେ ଆମେ ବିଶ୍ୱାସୀ ଅଟୁ, ମାତ୍ର ଆମେ ବିଜୟୀ ନୋହୁଁ । ଆପଣ ଈଶ୍ୱରଙ୍କ ମଣ୍ଡଳୀରେ ଯେତେ ଅଧିକ ଅନ୍ତର୍ଭୁକ୍ତ ହେବେ, ଆପଣ ସେତେ ଦୃଢ଼ ଭାବରେ ରୋପିତ ହେବେ ଓ ଈଶ୍ୱରଙ୍କ ମଣ୍ଡଳୀରେ ଏତେ ପରିମାଣରେ ଫଳ ପ୍ରଦାନ କରିବେ ଯେ ଈଶ୍ୱର ଆପଣଙ୍କୁ ସମୃଦ୍ଧ କରିବେ ।

ଅତି ପରିଚିତ ପାଳକ ଜି.ସୁନ୍ଦରମ୍ ସ୍ୱାଧୀନଭାବେ ସେବାକାର୍ଯ୍ୟ କରୁଥିବା ଲୋକମାନଙ୍କୁ କହୁଥିଲେ, ''ଆପଣମାନେ ଯେ କୌଣସି ସ୍ଥାନରେ ଓ ଆପଣ ଚାହୁଁଥିବା ଯେ କୌଣସି ମାର୍ଗରେ ସେବାକାର୍ଯ୍ୟ କରିପାରନ୍ତି, ମାତ୍ର ଆପଣମାନଙ୍କୁ ଆପଣମାନଙ୍କ ବସ୍ତ୍ରର ଚାରିପଟେ ଗୋଟିଏ ଦଉଡ଼ି ବାନ୍ଧିବାକୁ ପଡ଼ିବ ଓ ସେହି ଦଉଡ଼ିର ଅନ୍ୟ ପ୍ରାନ୍ତକୁ ଗୋଟିଏ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ପଡ଼ିବ । ଆପଣମାନେ ଆପଣମାନଙ୍କର ମଣ୍ଡଳୀକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ଆପଣମାନେ ସେହି ମଣ୍ଡଳୀରୁ ଶକ୍ତି ପ୍ରାପ୍ତ ହେବେ । ନଚେତ୍, ଆପଣମାନେ ଆପଣମାନଙ୍କର ଆତ୍ମିକ ଜୀବନରେ ଅନାଥ ହୋଇଯିବେ ।'' ସେ ସେମାନଙ୍କୁ ଏକ ଆହ୍ୱାନର ସହିତ ଏହିସବୁ ବାକ୍ୟ କହିଥିଲେ । ଏହା କେତେ ବଡ଼ ସତ୍ୟ ଅଟେ ।

ଯେଉଁ ଲେଖକ ଆପଣମାନଙ୍କ ପାଇଁ ଏହି ବାର୍ତ୍ତା ଲେଖିଛନ୍ତି, ସେ ମଧ୍ୟ ଜଣେ ନେତାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ ଓ ବର୍ତ୍ତମାନ ଆଶୀର୍ବାଦପ୍ରାପ୍ତ ଅଟନ୍ତି । ଈଶ୍ୱର ମୋତେ ମଧ୍ୟ ଅନେକ ସହଯୋଗୀ ପାଳକ ପ୍ରଦାନ କରି ବହୁଳ ଭାବରେ ଆଶୀର୍ବାଦ କରିଛନ୍ତି । ମୁଁ ମୋର ବରିଷ୍ଠମାନଙ୍କର ବାଧ୍ୟ ଅଟେ । ମୁଁ ଖୁସି ଅଟେ । ଆପଣମାନଙ୍କର ସ୍ଥିତି କ'ଣ ?

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)


ନିହିମିଆ ବାଇବଲ
ସାଂଧ୍ୟ କଲେଜ
ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ
ମାଧ୍ୟମ ~ ତାମିଲ
ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA
ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ
ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗାଯୋଗ : The Chairman, Nehemiah Bible College.
10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ଣ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ଣ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

A good opportunity to get
**Echo of His Call**
monthly magazine at free of cost

If you could send the addresses of your friends / relatives through post, letter, e.mail, WhatsApp or phone to us, we will dispatch **Echo of His Call** monthly magazine to them at free of cost.

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍ଭା ରାଜ୍‌ଙ୍କ ଜୀବନାନୁଭୂତି)

*“ଯେ ପାଠ କରେ, ସେ ବୁଝୁ” (ମାଥିଉ ୨୪:୧୫)*

## MY FIELD MINISTRY!

ସଦାପ୍ରଭୁ ପରମେଶ୍ୱର ଖୋଲା ପଡ଼ିଆରେ ଛୋଟ ଛୋଟ ପ୍ରଚାର ସଭା ଓ ଗୃହ ଗୁଡ଼ିକରେ ମଧ୍ୟ ଛୋଟ ଛୋଟ ସଭା ମାଧ୍ୟମରେ ତାଙ୍କର ସୁସମାଚାର ବାର୍ତ୍ତାକୁ ଜଣାଇବା ପାଇଁ ମୋତେ ଉତ୍ତମ ବନ୍ଧୁ ପ୍ରଦାନ କରିଥିଲେ । ଡ. ରିଚାର୍ଡ ଥାମ୍ବିରାଜ୍, ଉଇଲିୟମ ସେଲ୍‌ଭାରାଜ୍, ବିଜଲି ସାମ୍‌ରାଜ୍, ପି.ଚନ୍ଦ୍ରଶେଖର, ଶ୍ରୀମତୀ ଜେ.ଭି.ସେଲ୍‌ଭାମ୍ ଇତ୍ୟାଦି ଏହି ସେବାକାର୍ଯ୍ୟରେ ମୋତେ ସାହାଯ୍ୟ କରୁଥିଲେ ।


ଯେତେବେଳେ ମୁଁ ଆମ ଅଞ୍ଚଳ ନିକଟରେ ନାଭାଲାର ନଗର ନାମକ ଏକ ସ୍ଥାନରେ ମୁକ୍ତାକାଶ ସଭା ପରିଚାଳନା କରୁଥିଲି, ସେତେବେଳେ ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସ୍ପର୍ଶ ପାଇଥିଲେ ଓ ଭୂତଗ୍ରସ୍ତ ଲୋକମାନେ ଉଦ୍ଧାର ଓ ରୋଗଗ୍ରସ୍ତ ଲୋକମାନେ ସୁସ୍ଥତା ପାଇଥିଲେ । ଏହିପରି ଭାବରେ ପ୍ରଭୁଙ୍କର ଅଭିଷେକ କାର୍ଯ୍ୟ କରିବା ଆରମ୍ଭ କରିଥିଲା ।

ସେହି ଅଞ୍ଚଳର ଦରିଦ୍ର, ଧନୀ, ଶିକ୍ଷିତ ଓ ଅଶିକ୍ଷିତ ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିଲେ । ଅନେକ ଆଶ୍ଚର୍ଯ୍ୟକର୍ମ ସାଧିତ ହୋଇଥିଲା । ମୁଁ ମୋର ବାଦ୍ୟଯନ୍ତ୍ର, ଏକର୍ଡିଆନ ବଜାଇ ଗୀତ ଗାଉଥିଲି ଓ ପିଲାମାନଙ୍କ ପାଇଁ ଅନେକ କାର୍ଯ୍ୟକ୍ରମର ଆୟୋଜନ କରୁଥିଲି । ତଦ୍ଦ୍ୱାରା ଈଶ୍ୱର ମୋତେ ଜୀବିତ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ଜଣେ ସେବକ ଭାବରେ ଉଚ୍ଚୀକୃତ କରିଥିଲି । ଲୋକମାନେ ବାସ୍ତବ ଆଶ୍ଚର୍ଯ୍ୟକର୍ମ ଓ ସେମାନଙ୍କ ଜୀବନରେ ଘଟୁଥିବା ପରିବର୍ତ୍ତନ ସବୁ ଦେଖି ମୋତେ ସମ୍ମାନ ଦେଖାଇବା ଓ ମୋ' ସହିତ ପ୍ରାର୍ଥନାରେ ଯୋଗ ଦେବା ଆରମ୍ଭ କରିଥିଲେ । ମୁଁ ରୋମାନ୍ କ୍ୟାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ ଭଳି ଅନ୍ୟ ମଣ୍ଡଳୀର ସଦସ୍ୟମାନଙ୍କୁ ଗ୍ରହଣ କରୁ ନ ଥିଲି । ଯୀଶୁ ଖ୍ରୀଷ୍ଟଙ୍କର ଅନୁଗାମୀ ହୋଇ ତାଙ୍କର ସେବା କରିବା ପାଇଁ ଈଶ୍ୱର ମୋତେ ନୂତନ ବିଶ୍ୱାସୀମାନଙ୍କୁ ଦେଇଥିଲେ । ମୁଁ ମୋର ବନ୍ଧୁମାନଙ୍କୁ "Faith Prayer Tracts League"ର ଆଚାର୍ଯ୍ୟ ଶାମୁୟେଲ ଦାନିୟେଲଙ୍କ ଦ୍ୱାରା ଯୋଗାଇ ଦିଆ ଯାଉଥିବା ସୁସମାଚାର ପତ୍ର ପତ୍ରିକା ବାଣ୍ଟିବା ପାଇଁ ତାଲିମ ଦେଇଥିଲି । ମୁଁ ମୋର ବନ୍ଧୁମାନଙ୍କୁ ଗୀତ ଗାଇବା ପାଇଁ, ସାକ୍ଷ୍ୟ ଦେବା ପାଇଁ, ପ୍ରଚାର କରିବା ପାଇଁ ଓ ନୂତନ ଲୋକମାନଙ୍କୁ ସାକ୍ଷାତ୍ କରିବା ପାଇଁ ମଧ୍ୟ ତାଲିମ ଦେଉଥିଲି । ଏହିପରି ଭାବରେ, ମୁଁ ଏକ ଅତି ବ୍ୟସ୍ତତାର ଜୀବନ ଆରମ୍ଭ କରିଥିଲି । ମୋର ନିଜର ଆତ୍ମାର ଉନ୍ନତି ପାଇଁ ଓ ଯେ କୌଣସି ଉପାୟରେ, ଯେ କୌଣସି ମୂଲ୍ୟ ବିନିମୟରେ ଓ ଯେ କୌଣସି ପ୍ରକାରେ ପୃଥିବୀର ବିଭିନ୍ନ ଦେଶର ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଈଶ୍ୱର ମୋତେ ଯେଉଁ ବୋଝ ଦେଇଛନ୍ତି, ସେଥି ନିମନ୍ତେ ପ୍ରାର୍ଥନା କରିବାରେ ଲାଗିଥିଲି । “ଯେପରି ମୁଁ ଦୁର୍ବଳମାନଙ୍କୁ ଲାଭ କରିପାରେ, ଏଥିପାଇଁ ମୁଁ ଦୁର୍ବଳମାନଙ୍କ ନିକଟରେ ଦୁର୍ବଳ ପରି ହେଲି, ଯେପରି ମୁଁ ଯେ କୌଣସି ପ୍ରକାରେ କେତେକଙ୍କୁ ରକ୍ଷା କରିପାରେ, ଏଥିପାଇଁ ମୁଁ ସମସ୍ତଙ୍କ ନିକଟରେ ସବୁ ପ୍ରକାର ହୋଇଅଛି” (୧ କରିନ୍ଥୀ ୯:୨୨) ।



*Rev. Samuel Daniel*

୧୯୭୩ରେ, ଦିନେ ଯେତେବେଳେ ମୁଁ E.L.S. ବହି ଦୋକାନର ମ୍ୟାନେଜର ଓ ମୋର ବନ୍ଧୁ ଜେ.ଆର୍.ଜେୟାବାଲାନ୍‌ଙ୍କ ସାହାଯ୍ୟରେ ମାଉଣ୍ଟ ରୋଡ୍ ସ୍ଥିତ ତାଙ୍କ ଦୋକାନ ନିକଟରେ "The Best I can" (ମୁଁ କରିପାରୁଥିବା ଯଥାସାଧ୍ୟ କାର୍ଯ୍ୟ) ନାମକ ସୁସମାଚାର ପତ୍ରିକା ବଣ୍ଟନ କରୁଥିଲି, ସେତେବେଳେ ଈଶ୍ୱରଙ୍କର ଜଣେ ପ୍ରମୁଖ ଦାସ, ଆଚାର୍ଯ୍ୟ. ଡ. ଅଗଷ୍ଟାଇନ୍ ପିଟର୍ସଙ୍କ ସହିତ ମୋର ଭେଟ ହେଲା । ସେ ସେହି ବ୍ୟସ୍ତ ବହୁଳ ରାସ୍ତାରେ, ମୋ' ମୁଣ୍ଡ ଉପରେ ହାତ ରଖି ପ୍ରାର୍ଥନା କରିଥିଲେ ଓ ଭାବବାଣୀ ପ୍ରକାଶ କରି କହିଥିଲେ, “ଏଠାରେ ଜଣେ ଯୁବକ ଅଛନ୍ତି - ସେ ମୋ' ଦ୍ୱାରା ଏକ ମହାନ୍ ସେବାକାର୍ଯ୍ୟ ପାଇଁ ନିଯୁକ୍ତି ପାଇଛନ୍ତି । ମୁଁ ତାଙ୍କୁ ଆହ୍ୱାନ କରିଅଛି । ମୁଁ ତାଙ୍କୁ ଅସାଧାରଣ ଦାନ, ସ୍ୱାସ୍ଥ୍ୟ, ଧନ ଓ ସମଗ୍ର ଜଗତର ଲୋକ ପ୍ରଦାନ କରିବି । ସେ ମୋର ଜଣେ ବିଶ୍ୱସ୍ତ ଦାସ ଓ ପ୍ରିୟ ପୁତ୍ର ହେବେ ଓ ତାହାଙ୍କ ଉପରେ ମୁଁ ମୋର ଆଶୀର୍ବାଦ ବୃଷ୍ଟି କରିବି ।”



*Rev. Dr. Augustine Peters & Pr. S. Sam Selva Raj*

କିଛି ଦିନ ପରେ, ସେ ମୋର ବନ୍ଧୁ ସି.ଏନ୍.ରାଜନ୍ ନାମକ ଜଣେ ଫୋଟୋ ଗ୍ରାଫରଙ୍କ ମାଧ୍ୟମରେ ମାଧ୍ୟମରେ ଡକାଇଲେ ଓ ମୋତେ ସୁସମାଚାରର ଏକ ସେବକ ଭାବରେ ଅଭିଷିକ୍ତ କରିଥିଲେ । ଏହା ଦର୍ଶାଇବା ଅନିବାର୍ଯ୍ୟ ଅଟେ ଯେ ସେହି ସମାନ ଶକ୍ତି, ଦର୍ଶନ ଓ ସ୍ଥିରତା ଏପର୍ଯ୍ୟନ୍ତ ମୋ' ଜୀବନରେ ପ୍ରଚଳିତ ଅଛି । ତାଙ୍କ ମାଧ୍ୟମରେ ଉଚ୍ଚାରିତ ସମସ୍ତ ବାକ୍ୟ ସଫଳ ହୋଇଅଛି । ମୁଁ ଏଥିପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ । ***

---

....Contd. from page 6

## ୪. ପ୍ରଭୁଙ୍କର ଆନନ୍ଦର ଦିନ

“ଯଦି ତୁମ୍ଭେ ବିଶ୍ରାମବାର ଲଙ୍ଘନରୁ, ଆମ୍ଭ ପବିତ୍ର ଦିନରେ ନିଜ ଅଭିଳାଷ ଚେଷ୍ଟାରୁ ଆପଣା ପାଦ ଫେରାଅ, ପୁଣି ବିଶ୍ରାମବାରକୁ ସୁଖଦାୟକ ଓ ସଦାପ୍ରଭୁଙ୍କ ପବିତ୍ର ଦିନକୁ ଆଦରଣୀୟ ବୋଲି କୁହ, ଆଉ ନିଜ କାର୍ଯ୍ୟ ନ କରି ଅବା ନିଜ ଅଭିଳାଷର ଚେଷ୍ଟା ନ କରି ଅଥବା ନିଜ କଥା ନ କହି ତାହାକୁ ଆଦର କରିବ, ତେବେ ତୁମ୍ଭେ ସଦାପ୍ରଭୁଙ୍କଠାରେ ଆନନ୍ଦ କରିବ, ପୁଣି, ଆମ୍ଭେ ତୁମ୍ଭକୁ ପୃଥିବୀର ଉଚ୍ଚସ୍ଥଳୀମାନରେ ଆରୋହଣ କରାଇବା, ଆଉ, ତୁମ୍ଭ ପିତା ଯାକୁବର ଅଧିକାର ତୁମ୍ଭକୁ ଭୋଗ କରାଇବା । କାରଣ ସଦାପ୍ରଭୁଙ୍କର ମୁଖ ଏହା କହିଅଛି” (ଯିଶାଇୟ ୫୮:୧୩,୧୪) ।

ଆମେ ସମସ୍ତେ ଉଚ୍ଚତର ସ୍ଥାନ ସବୁ ଚାହୁଁ, ଆମେ ଆମ ସ୍ଥିତିର ଉନ୍ନତି ଇଚ୍ଛା କରୁ । ଆମେ କିପରି ଏହା ପାଇବା ? ପ୍ରଭୁଙ୍କ ଦିନରେ, ଅର୍ଥାତ୍ ରବିବାରରେ, ଆମେ ଅଧାର୍ମିକ ଲୋକମାନଙ୍କର ପରାମର୍ଶ ଗ୍ରହଣ ନ କରି, ପ୍ରଭୁଙ୍କର ସନ୍ତୋଷଜନକ କାର୍ଯ୍ୟ କରିବା ଉଚିତ । ଏପରି କାର୍ଯ୍ୟ କରନ୍ତୁ ନାହିଁ ଯେଉଁଗୁଡ଼ିକ ପ୍ରଭୁଙ୍କର ସନ୍ତୋଷଜନକ ନୁହେଁ, ମାତ୍ର ଆପଣଙ୍କ ନିଜର ତୁଷ୍ଟିଜନକ ଅଟେ । କାରଣ ସେହି ଦିନଟି ପ୍ରଭୁଙ୍କର ଆନନ୍ଦର ଦିନ ଅଟେ, ଏହା ଏକ ଉତ୍ତମ ଦିନ, ଆନନ୍ଦର ଦିନ, ଖୁସିର ଦିନ ଓ ପ୍ରଭୁଙ୍କର ଦିନ ଅଟେ । ସେହି ଦିନଟିକୁ ଆଦରଣୀୟ ଦିନ ବୋଲି ବିଚାର କରନ୍ତୁ । ଏହି ଦିନ ଟେଲିଭିଜନ୍‌ରେ କୌଣସି କାର୍ଯ୍ୟକ୍ରମ ଦେଖନ୍ତୁ ନାହିଁ ମାତ୍ର ମଣ୍ଡଳୀ ଉପାସନାକୁ ପ୍ରାଧାନ୍ୟ ଦିଅନ୍ତୁ ଓ ଆପଣଙ୍କ ମଣ୍ଡଳୀର ଉପାସନାରେ ଯୋଗ ଦେବା ଏକ କର୍ତ୍ତବ୍ୟ ବୋଲି ଭାବନ୍ତୁ । ଏହାପରେ ଆପଣ ପ୍ରଭୁଙ୍କଠାରେ ନିଜେ ଆନନ୍ଦ କରିବେ । ଏହାର ଏହି ଅର୍ଥ ନୁହେଁ ଯେ ଆପଣ ଅନ୍ୟ ଦିନଗୁଡ଼ିକରେ ଯେପରି ଇଚ୍ଛା କରନ୍ତି, ସେହିପରି ଜୀବନ କାଟିପାରିବେ ।

ରବିବାର ସକାଳ ଉପାସନା ପରେ, ଯଦି ଆପଣ ନିଜର ଜାଗତିକ ବିଷୟ ଓ କାର୍ଯ୍ୟ ପାଇଁ ସମୟ ଦେବାର ଯୋଜନା କରନ୍ତି, ତେବେ ଆପଣ ଆପଣଙ୍କ ଜୀବନରେ ବାସ୍ତବ ଆନନ୍ଦ ପାଇ ପାରିବେ ନାହିଁ । ଆପଣଙ୍କ ଜୀବନରେ କୌଣସି ଉନ୍ନତି ହେବ ନାହିଁ । ଆପଣ ଏହି ଦିନଟିକୁ ପ୍ରଭୁଙ୍କ ନିମନ୍ତେ ଉତ୍ସର୍ଗ କରିବା ଆବଶ୍ୟକ । ଯଦି ଆପଣ ଏହି ଦିନରେ ଆପଣଙ୍କର ବନ୍ଧୁମାନଙ୍କୁ ସାକ୍ଷାତ୍ କରିବା ପାଇଁ କିମ୍ବା ଆପଣଙ୍କ ନିଜର କାର୍ଯ୍ୟକଳାପରେ ଯୋଗ ଦେବା ପାଇଁ ଜଗତ ନିକଟରେ ନିଜକୁ ଉତ୍ସର୍ଗ କରନ୍ତି, ତେବେ ଆପଣ ଆପଣଙ୍କ ଜୀବନରେ ଉନ୍ନତି କରିବେ ନାହିଁ ।

ଯେତେବେଳେ ଆପଣ ପ୍ରଭୁଙ୍କ ଦିନକୁ ଏକ ଆନନ୍ଦର ଦିନ ଭାବରେ ବିଚାର କରନ୍ତି ଓ ପ୍ରଭୁଙ୍କ ନିମନ୍ତେ ଏହାକୁ ପୃଥକ୍ ରଖନ୍ତି, ତେବେ ଆପଣ ଖୁସି ଓ ଆନନ୍ଦ ପ୍ରାପ୍ତ ହେବେ । ପ୍ରଭୁ ପୃଥିବୀର ସର୍ବୋଚ୍ଚ ସ୍ଥାନରେ ଆପଣଙ୍କୁ ଉପବିଷ୍ଟ କରାଇବେ । ଆପଣଙ୍କ ଜୀବନରେ, ଯଦି କୌଣସି ଅର୍ଥନୈତିକ କିମ୍ବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଅଛି କିମ୍ବା ଆପଣଙ୍କ ଆତ୍ମିକ ଜୀବନରେ କୌଣସି ବିଷାଦ ଅଛି କିମ୍ବା ଯଦି ଆପଣ ଏପରି କିଛି ବିଷୟର ଅଭାବ ଅନୁଭବ କରୁଛନ୍ତି ଯାହା ଅନ୍ୟମାନଙ୍କଠାରେ ଅଛି ଓ ଯଦି ଆପଣ ପ୍ରଭୁଙ୍କୁ "କାହିଁକି ପ୍ରଭୁ ?" ବୋଲି ପଚାରୁଛନ୍ତି, ତେବେ ଏ ସମସ୍ତର ଉତ୍ତର ହେଉଛି : ପବିତ୍ର ଆତ୍ମା ଏହି ବାର୍ତ୍ତା ମାଧ୍ୟମରେ ଅତି ସ୍ପଷ୍ଟ ଭାବରେ ଆପଣଙ୍କ ସହିତ କଥାବାର୍ତ୍ତା କରୁଛନ୍ତି । ଯଦି ଆପଣ ଏହି ଦିନଟିକୁ ଆନନ୍ଦର ଦିନ ଭାବରେ ବିଚାର କରିବେ, ତେବେ ଆପଣ ଖୁସି ହେବେ ଓ ପ୍ରଭୁ ଆପଣଙ୍କୁ ସର୍ବୋଚ୍ଚ ସ୍ଥାନରେ ରଖିବେ ।

## ୪. ପ୍ରଭୁଙ୍କର ଆନନ୍ଦର ଦିନ

"ଆମ୍ଭର ଗୃହରେ ଯେପରି ଖାଦ୍ୟ ରହିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ଭଣ୍ଡାରକୁ ସମ୍ପୂର୍ଣ୍ଣ ଦଶମାଂଶ ଆଣ, ଆଉ ଆମ୍ଭେ ଆକାଶସ୍ଥ ଦ୍ୱାର ସବୁ ମୁକ୍ତ କରି, ରଖିବା ପାଇଁ ସ୍ଥାନ ନିଅଣ୍ଟ ହେବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଉପରେ ଆଶୀର୍ବାଦରୂପ ବୃଷ୍ଟି ବର୍ଷାଇବା କି ନାହିଁ, ଏତଦ୍ ବିଷୟରେ ଏବେ ଆମ୍ଭର ପରୀକ୍ଷା ନିଅ" (ମଲାଖି ୩:୧୪) ।

କେତେ ଜଣ ଏହି ପ୍ରଶ୍ନ ପଚାରନ୍ତି, "ଯଦି ମୁଁ ମୋ' ଆୟର ଗୋଟିଏ ଅଂଶ ଦାନ କରିବି, ତେବେ ମୋ' ଆଗରେ ଉତ୍ତମ ସମୟ ରହିବ କି ?" ଆପଣଙ୍କ ଆୟର ଦଶମାଂଶ ଈଶ୍ୱରଙ୍କର ଅଟେ । ଆପଣ ଋଣ କରିଥିବା ଅର୍ଥର ଦଶମାଂଶ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ କରିବା ଆବଶ୍ୟକ ନୁହେଁ । କେବଳ ଆପଣଙ୍କର ଆୟର ଦଶମାଂଶ ଈଶ୍ୱରଙ୍କର ଅଟେ । ଈଶ୍ୱରଙ୍କର ଏହି ଅର୍ଥକୁ ଆପଣ କେଉଁ ସ୍ଥାନରେ ଉତ୍ସର୍ଗ କରିବା ଉଚିତ ? ଆପଣଙ୍କ ମଣ୍ଡଳୀର ଭଣ୍ଡାରଘର ନିକଟକୁ ଆପଣଙ୍କର ଦଶମାଂଶ ଆଣନ୍ତୁ । ଆପଣଙ୍କ ଆୟର ଦଶମାଂଶ ସୁସମାଚାର କାର୍ଯ୍ୟ କିମ୍ବା ପତ୍ରିକା ସେବାକାର୍ଯ୍ୟ କିମ୍ବା ମିଶନେରୀ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ହେବା ଉଚିତ ନୁହେଁ । ଏହା କୌଣସି ସ୍ଥାନରେ ଶିବିର ସ୍ଥାପନ କରି, ଶିକ୍ଷାଧିବେଶନ ଚଳାଉଥିବା କୌଣସି ପ୍ରଚାରକଙ୍କର କାର୍ଯ୍ୟ ପାଇଁ ମଧ୍ୟ ବ୍ୟବହୃତ ହେବା ଉଚିତ୍ ନୁହେଁ । ଏହା ସଂପୂର୍ଣ୍ଣ ଭାବରେ ଆପଣଙ୍କ ମଣ୍ଡଳୀର ଅଟେ । ମଣ୍ଡଳୀ ଏହାକୁ ଏହାର ସେବାକାର୍ଯ୍ୟ ପାଇଁ ବ୍ୟବହାର କରିପାରେ ଓ ଈଶ୍ୱରଙ୍କ ସେବାକାର୍ଯ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଥିବା ଦରିଦ୍ର ଓ ଅଭାବଗ୍ରସ୍ତମାନଙ୍କ ପାଇଁ ବ୍ୟବହାର କରିପାରେ ।

ଏପରି ଗୋଟିଏ ମଣ୍ଡଳୀ ଖୋଜିବା ଆପଣଙ୍କ ନିମନ୍ତେ ଅତି ଗୁରୁତ୍ୱପୂର୍ଣ୍ଣ । ଯେଉଁଠାରେ କେବଳ ଈଶ୍ୱରଙ୍କ ପାଇଁ ଈଶ୍ୱରଙ୍କ ଅର୍ଥ ବ୍ୟବହାର କରାଯାଏ ଓ ଏହାପରେ ଏହି ମଣ୍ଡଳୀର ସଦସ୍ୟ ହୁଅନ୍ତୁ । ଆପଣଙ୍କ ମଣ୍ଡଳୀର ଭଣ୍ଡାର ଘରକୁ ଆପଣଙ୍କ ଆୟର ଦଶମାଂଶ ଆଣିବା ପାଇଁ ବାଇବଲ ଆପଣଙ୍କୁ କହିଛି । ଏହି ଅର୍ଥକୁ ଖର୍ଚ୍ଚ କରିବା ପାଇଁ ବିଶ୍ୱାସୀମାନଙ୍କର କୌଣସି ଅଧିକାର ନାହିଁ । ଦଶମାଂଶକୁ ସ୍ପର୍ଶ କରିବାର ଓ ଏଣେ ତେଣେ ଲୋକମାନଙ୍କୁ ଦାନ କରିବାର ଅଧିକାର କୌଣସି ବିଶ୍ୱାସୀର ନାହିଁ ।

ମଣ୍ଡଳୀ ନିକଟକୁ ଆପଣଙ୍କର ଦଶମାଂଶ ଆଣନ୍ତୁ । ପୁଣି ପ୍ରଭୁ "ଆକାଶସ୍ଥ ଦ୍ୱାର ସବୁ ମୁକ୍ତ କରି, ରଖିବା ପାଇଁ ସ୍ଥାନ ନିଅଣ୍ଟ ହେବା ପର୍ଯ୍ୟନ୍ତ ଆପଣମାନଙ୍କ ଉପରେ ଆଶୀର୍ବାଦରୂପ ବୃଷ୍ଟି ବର୍ଷାଇବେ କି ନାହିଁ" ଏହି ବିଷୟରେ ତାଙ୍କର ପରୀକ୍ଷା ନେବା ପାଇଁ ସେ କହିଛନ୍ତି । ମୁଁ ମୋ' ଆୟର ଦଶମାଂଶ ଦାନ କରିବା ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଅଛି । ବେଳେ ବେଳେ, ଆମେ ଯେତେବେଳେ ଅଳ୍ପ କିଛି ରୋଜଗାର କରୁ, ସେତେବେଳେ ଦଶମାଂଶ ଦାନ କରୁ । ମାତ୍ର ଆମର ଆୟ ବୃଦ୍ଧି ପାଇଲେ, ଦଶମାଂଶ ଦେବାରେ କଷ୍ଟ ହୁଏ । ଆପଣଙ୍କର ଆୟ ୧୦୦ ଟଙ୍କା ଥିବା ସମୟରେ ଆପଣ ୧୦ଟଙ୍କା ଦେଇପାରନ୍ତି ଓ ୧୦୦୦ ଟଙ୍କା ଥିବା ସମୟରେ ସୁଦ୍ଧା ୧୦୦ ଟଙ୍କା ଦେଇ ପାରନ୍ତି । ମାତ୍ର ଯଦି ୧୦,୦୦୦ ଟଙ୍କା ଆୟ ଥାଏ, ତେବେ ୧୦୦୦ ଟଙ୍କା ଦଶମାଂଶ ଦେବା ସହଜ ହୋଇ ନ ଥାଏ । ପ୍ରଭୁ ଆମକୁ ଅଧିକରୁ ଅଧିକ ଆଶୀର୍ବାଦ କରୁଥିବା ସମୟରେ, ଯଦି ଆମେ ଦଶମାଂଶ

## SPECIAL ANNOUNCEMENT

### We Need Honorary Representatives!

Of late, we find that the number of readers of **Echo of His Call** magazine printed in Sinhala, Nepali, Urdu and Afrikaans languages has considerably reduced. This may be due to the loss of our old friends and the probable relocation of their domicile. We have been thinking of ways and means to strengthen the number of readers.

As a measure of effort, we solicit Honorary Representatives from our readers of Nepali, Urdu, Sinhala and Afrikaans to

(i) Enroll more and more readers for the magazines in their respective languages.

(ii) To come forward to print more copies and dispatch to the readers in their respective countries / areas and

(iii) Help us by raising some Honorary Representatives to provide new addresses and to promote the distribution by taking photo copies and sending them to family and friends.

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

ଦେବାରେ ବିଶ୍ୱସ୍ତ ରହିବା, ତେବେ ସେ ଆମକୁ ପ୍ରଚୁର ଭାବେ ଆଶୀର୍ବାଦ କରିବେ । ଆପଣ ଆପଣଙ୍କ ମଣ୍ଡଳୀକୁ ଦଶମାଂଶ ଦେଲେ, ପ୍ରଭୁ ଆପଣଙ୍କ ପାଇଁ ସ୍ୱର୍ଗର ଝର୍କାଗୁଡ଼ିକୁ ଉନ୍ମୁକ୍ତ କରି ତାଙ୍କର ଆଶୀର୍ବାଦ ସବୁ ଢ଼ାଳି ଦେବେ । ଏହା ଗୋଟିଏ ଅତି ନିଗୂଢ଼ତତ୍ତ୍ୱ ଅଟେ । ଅନେକେ ଏ ବିଷୟରେ ଅଜ୍ଞ ଅଟନ୍ତି । ଆପଣ ଏହା କରନ୍ତୁ ଓ କ'ଣ ଘଟୁଛି, ତାହା ଦେଖନ୍ତୁ । ବିଜୟ ଆପଣଙ୍କର ହେବ ।

*************

## OUR BANK DETAILS:

### 1. Bank : State Bank of India

Branch : Triplicane, Chennai-5
Name : S. Sam Selva Raj
A/C No. : 1023 2934 679
IFSC : SBIN 00 00 249
SWIFT CODE : SBI NIN BB 455

### 2. Bank : ICICI Bank

Branch : Anna Salai, Chennai-6
Name : Echo of His Call
A/C No. : 6038 0502 2319
IFSC : ICIC 000 6038

### 3. Bank : State Bank of India

(This Account is for Tax Exemption for Indians only )

Branch : Triplicane, Chennai-5
Name : Echo of His Call Educational Trust
A/C No. : 1023 2923 805
IFSC : SBIN 00 00 249

Google Pay: 98410 71858
PayPal : SAM SELVA RAJ
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍‌ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

## ଆମର ଠିକଣା :

ECHO OF HIS CALL
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

YOU CAN SEND YOUR DONATION ONLINE ALSO

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th FEBRUARY 2023.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

JESUS LOVES YOU!

To

GOD BLESS YOU!

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**